ନିତିଦିନ NITIDIN

02nd Mar, 2021

# 'ମାନବ ଜୀବନକୁ ଉନ୍ନତ କରିଛି ବିଜ୍ଞାନ'



**ଜଟଣୀ, ୧।୩/ଏନ୍‌ଏନ୍‌ଏସ୍:** କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଆଇଆଇଟି ଭୁବନେଶ୍ୱରର ଜଟଣୀସ୍ଥିତ ଅରଗୁଳ କ୍ୟାମ୍ପସ୍‌ରେ ଜାତୀୟ ବିଜ୍ଞାନ ଦିବସ ଆୟୋଜିତ ହୋଇଯାଇଛି। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର୍‌ଭି ରାଜାକୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏମ୍ସର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ମହାପାତ୍ର ଯୋଗଦେଇ ଆଇଆଇଟି ବିଦ୍ୟାର୍ଥୀଙ୍କ ଲାଗି ଏକ ପଥ ବୋଲି କହିଥିଲେ। ସେହିପରି ଆଇଆଇଟି ନିର୍ଦ୍ଦେଶକ ଶ୍ରୀ ରାଜାକୁମାର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ମାନବ ଜୀବନକୁ ଉନ୍ନତ କରିବାରେ ବିଜ୍ଞାନ ସହାୟକ ହୋଇଛି। ସେ ଆହୁରି କହିଥିଲେ ଯେ, ଦେଶର ପ୍ରଗତି ଏବଂ ସମୂହ ବିକାଶ କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ଅତି ଗୁରୁତ୍ୱପୂର୍ଣ୍ଣ। ଏଥିରେ ଛାତ୍ରଛାତ୍ରୀଙ୍କ ଭୂମିକା ନିର୍ଣ୍ଣାୟକ ହେବା ଅତ୍ୟନ୍ତ ଜରୁରୀ। ବିଜ୍ଞାନ ମାଧ୍ୟମରେ ଇସ୍ରୋ ବୈଜ୍ଞାନିକମାନେ ଉପଗ୍ରହରେ ଉତ୍‌କ୍ଷେପଣ କରି ଯେଉଁ ପ୍ରଶଂସା ପାଉଛନ୍ତି, ତାହା ଅନ୍ୟଦେଶମାନଙ୍କ ପାଇଁ ଭାରତୀୟ ମହାକାଶ ବିଜ୍ଞାନରେ ନୂତନ ଯୁଗର ଦ୍ୱାର ଖୋଲିଛି। ଆଇଆଇଟି ଭୁବନେଶ୍ୱର ନିଜର ସ୍ୱପ୍ନକୁ ସାକାର କରିବା ଦିଗରେ ନିରନ୍ତର କାର୍ଯ୍ୟ କରୁଛି ବୋଲି ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇଆଇଟିର ଫାକଲ୍‌ଟି ମେମ୍ବର, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।